# ରାୟଗଡ଼ା ଝୁଲାପୋଲ ସିଲ୍‌କୁ ବିରୋଧ

■ ଧାରଣା ଦେଲେ ଅଞ୍ଚଳବାସୀ
■ ଗଛଲତା କାଟି ବିପଜ୍ଜନକ ଅବସ୍ଥାରେ ପୋଲ ଚଢ଼ୁଛନ୍ତି
■ ଶୀଘ୍ର ପୋଲ ଖୋଲିବାକୁ ଦାବି

ରାୟଗଡ଼ା ଅଫିସ,୨୬।୯

କଟକ ସ୍ଥିତ ଧବଳେଶ୍ୱର ପରେ ରାୟଗଡ଼ା ସ୍ଥିତ ଝୁଲାପୋଲ ରାଜ୍ୟରେ ଦ୍ୱିତୀୟ ଭାବେ ପ୍ରସିଦ୍ଧ। ବର୍ଷତମାମ ଏଠାରେ ପର୍ଯ୍ୟଟକଙ୍କ ଭିଡ଼ ଜମିଥାଏ। ହେଲେ ଏହି ଝୁଲାପୋଲ ଏବେ ପ୍ରଶାସନ ପକ୍ଷରୁ ରବିବାର ଅନିର୍ଦ୍ଦିଷ୍ଟ କାଳ ପାଇଁ ସମ୍ପୂର୍ଣ୍ଣ ବନ୍ଦ କରାଯାଇଛି। ଝୁଲାପୋଲ ବୁଲିବାକୁ ଅସି ନାଗାବଳୀ ନଦୀରେ ଗାଧୋଇବା ସମୟରେ ପ୍ରଖର ସ୍ରୋତରେ ଭାସିଯାଇ ବାରମ୍ବାର ପର୍ଯ୍ୟଟକଙ୍କ ମୃତ୍ୟୁ ଘଟୁଛି। ଗତ ଅଗଷ୍ଟ ମାସରେ ଆନ୍ଧ୍ର ପ୍ରଦେଶରୁ ଏକ ପରିବାର ବୁଲିବାକୁ ଆସିଥିବା ବେଳେ ୪ ସଦସ୍ୟ ଭାସିଯାଇଥିଲେ। ୩ ଜଣଙ୍କ ଜୀବନ ବର୍ତ୍ତି ଯାଇଥିବାବେଳେ ସାନପୁଅର ମୃତ୍ୟୁ ଘଟିଥିଲା। ଏହି ଘଟଣା ପରେ ପୋଲ ବନ୍ଦ କରିବା ପାଇଁ ମତପ୍ରକାଶ ପାଇଥିଲା। ଫଳରେ ତହସିଲଦାର ତାପସ ରାଉତ ଏବଂ ଅତିରିକ୍ତ ତହସିଲଦାର ସୁନୀଲ ଖରା ପ୍ରମୁଖ ପହଞ୍ଚି ପୋଲିସ ଉପସ୍ଥିତିରେ ଲୁହାବାଡ଼ ଦେଇ ସିଲ୍ କରିଥିଲେ। ଅନ୍ୟପକ୍ଷରେ ପୋଲକୁ ସିଲ୍ କରାଯିବା ପରେ ଉଭୟ ପାର୍ଶ୍ୱରେ ରହୁଥିବା ଗ୍ରାମବାସୀ ଏହାକୁ ବିରୋଧ କରି ସୋମବାର ପୋଲ ନିକଟରେ ଧାରଣା ଦେଇଛନ୍ତି। ଅଞ୍ଚଳବାସୀ ଯାତାୟାତ ପାଇଁ ମଧ୍ୟ ଏହି ପୋଲକୁ ବ୍ୟବହାର କରୁଥିଲେ। ତେଣୁ ଶୀଘ୍ର ବିକଳ୍ପ ବ୍ୟବସ୍ଥା କରି ଏହାକୁ ଖୋଲିବାକୁ ସେମାନେ ଦାବି କରିଛନ୍ତି।



ଅଞ୍ଚଳବାସୀଙ୍କ କହିବା ହେଲା, ଏହି ରାସ୍ତା ବନ୍ଦ କରାଯିବା ପରେ ପିଲାମାନେ ୨ କିମି ବୁଲି ସ୍କୁଲ ଯାଉଛନ୍ତି। ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ ଆଣିବାକୁ ଏବଂ ଶ୍ରମିକମାନେ କାମ କରିବାକୁ ମଧ୍ୟ ଯିବାକୁ ଦୂର ହେଉଛି ବୋଲି ନିକଟସ୍ଥ ମାରିଗୁଡ଼ା ଗ୍ରାମର ଦିଲୀପ ତାଡ଼ିଙ୍ଗି କହିଛନ୍ତି। ପୋଲ ବନ୍ଦ ପାଇଁ ପ୍ରସ୍ତୁତି ବେଳେ ଶନିବାର ଗ୍ରାମବାସୀ ସମସ୍ୟା ଜଣାଇଥିଲେ। ତେବେ ଏହାକୁ ନ ଶୁଣି ରବିବାର ଅଧିକାରୀମାନେ ଖରାବେଳିଆ ଆସି ପୋଲ ସିଲ୍ କରିଥିବା ଗ୍ରାମବାସୀ ପ୍ରକାଶ କହିଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି, ପର୍ଯ୍ୟଟକ ଝୁଲାପୋଲରେ ବୁଲିବା ସମୟରେ ମୃତ୍ୟୁ ଘଟୁନାହିଁ। ନାଗାବଳୀ ନଦୀଠାରୁ ପ୍ରାୟ ୧୦୦ ମିଟର ଉପରେ ଝୁଲାପୋଲ ରହିଛି। ପୋଲରୁ ଓହ୍ଲାଇ ନଦୀରେ ସେଲ୍‌ଫି ନେବା ସମୟରେ ଏବଂ ଗାଧୋଇବା ସମୟରେ ପର୍ଯ୍ୟଟକ ଭାସିଯାଉଛନ୍ତି। ତେଣୁ ପୋଲକୁ ବନ୍ଦ କରିବା ଏକମାତ୍ର ସମାଧାନ ନୁହେଁ। ନଦୀକୁ ଯିବାପାଇଁ ପର୍ଯ୍ୟଟକଙ୍କୁ ବାରଣ କରିବାର ଆବଶ୍ୟକତା ରହିଛି। ଏଥିପାଇଁ ନଦୀ ନିକଟରେ ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବା ଉଚିତ। ଅନୁମତି ଦେଲେ ଗ୍ରାମର କେତେଜଣ ବ୍ୟକ୍ତି ନଦୀ ନିକଟରେ ଉପସ୍ଥିତ ରହି ଲୋକଙ୍କୁ ସଚେତନ କରିବେ ବୋଲି ଗ୍ରାମବାସୀ ପ୍ରଶାସନକୁ ଜଣାଇଥିଲେ। ତଥାପି କାହା କଥା ନ ଶୁଣି ପୋଲ ବନ୍ଦ କରାଯାଇଛି। ଶୀଘ୍ର ଏହି ରାସ୍ତା ଖୋଲାଯାଉ ବୋଲି ସେମାନେ ଦାବି କରିଛନ୍ତି। ପୋଲ ବନ୍ଦ ହେବାପରେ ସୋମବାର ନିକଟସ୍ଥ ଗ୍ରାମର କେତେଜଣ ବ୍ୟକ୍ତି ପୋଲ ପାର୍ଶ୍ୱରୁ ଗଛଲତା କାଟି ବିପଜ୍ଜନକ ଅବସ୍ଥାରେ ପୋଲ ଉପରକୁ ଚଢ଼ୁଥିବା ମଧ୍ୟ ଦୃଷ୍ଟିକୁ ଆସିଛି। ସୂଚନାଯୋଗ୍ୟ, ଝୁଲାପୋଲ ନିକଟରେ ୫ ବର୍ଷ ମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କ ଜୀବନ ନାଗାବଳୀ ନଦୀରେ ଚାଲିଯାଇଛି।

## ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ

ଗୁଣପୁର,୨୬।୯(ଡି.ଏନ.ଏ)

ରାୟଗଡା ଜିଲା ଗୁଣପୁର ଗାୟତ୍ରୀ ଫାର୍ମାସି କଲେଜରେ ସୋମବାର ବିଶ୍ୱ ଫାର୍ମାସିଷ୍ଟ ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ତୃତୀୟ ବର୍ଷର ଛାତ୍ରୀଛାତ୍ର ଶୋଭାଯାତ୍ରାରେ ବାହାରି କୋଭିଡ ନିୟନ୍ତ୍ରଣ ଓ ଫାର୍ମାସିଷ୍ଟଙ୍କ ଭୂମିକା ସମ୍ପର୍କରେ ଲୋକମାନଙ୍କୁ ସଚେତନ କରିଥିଲେ। ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଅନ୍ତେବାସୀଙ୍କୁ ଫଳ ଏବଂ ମିଷ୍ଟାନ୍ନ ବଣ୍ଟନ କରିଥିଲେ। କାର୍ଯ୍ୟକ୍ରମରେ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ସୁପରିଣ୍ଟେଣ୍ଡେଣ୍ଟ ଡ.ରମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ପ୍ରିନ୍ସିପାଲ ଡ.ପ୍ରକାଶ ଚନ୍ଦ୍ର ସେନାପତି, ପ୍ରଫେସର ଡ.କାହ୍ନୁଚରଣ ପାଣିଗ୍ରାହୀ, ପ୍ରାଧ୍ୟାପକ ଜଗଦୀଶ ଖୁଣ୍ଟିଆ ପ୍ରମୁଖ ଅତିଥିଭାବେ ଯୋଗ ଦେଇଥିଲେ। ପ୍ରଥମ ଏବଂ ଦ୍ୱିତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ଦ୍ୱାରା ରେଗେଡେ ଏବଂ ଆଖପାଖ ଅଞ୍ଚଳରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟ କରାଯାଇଥିଲା। ଅନୁଷ୍ଠାନର ଅଧ୍ୟକ୍ଷ ଅକ୍ଷୟ ଦାସ, ସଂପାଦକ ସଞ୍ଜୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।



ଛାତ୍ରୀଛାତ୍ରଙ୍କ ପକ୍ଷରୁ ବାହାରିଥିବା ଶୋଭାଯାତ୍ରା।

## ସଂକ୍ଷେପରେ

### ଟ୍ରକ୍ ଚାଳକଙ୍କ ଠାରୁ ଟଙ୍କା ଲୁଟ୍ ଉଦ୍ୟମ: ୨ ଗିରଫ

#### ୨ ଚୋରି ବାଇକ୍ ଜବତ

ଅମ୍ବାଦଳା,୨୬।୯(ଡି.ଏନ୍.ଏ.)- ରାୟଗଡ଼ା ଜିଲା ଅମ୍ବାଦଳା ଥାନା ଅଧୀନ ଗୌଡ଼ଗୁଡ଼ା ନିକଟରେ ରବିବାର ଏକ ଟ୍ରକ ଚାଳକଙ୍କ ଠାରୁ ଟଙ୍କା ଲୁଟ ଉଦ୍ୟମ ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରିଛି। ସେମାନେ ହେଲେ ବଲାଙ୍ଗୀର ଜିଲା ସଇଁତଳା ଥାନା ଅଞ୍ଚଳର ରାକେଶ ହରପାଲ(୨୯) ଏବଂ ତୁଷୁରା ଥାନା ଅଞ୍ଚଳର ମୁନା ଭୋଇ(୨୨)। ସୁଚନା ଅନୁଯାୟୀ କଳାହାଣ୍ଡି ଜିଲା କେସିଙ୍ଗାର ଏକ ଟ୍ରକ ରବିବାର ରାୟପୁରରୁ ଚାଉଳ ବୋଝେଇ ଆନ୍ଧ୍ର ପ୍ରଦେଶର କାକିନାଡ଼ା ଯାଉଥିଲା। ଅମ୍ବାଦଳା ଥାନା ଅଧୀନ ରାଣୀପିଣ୍ଡା ନିକଟରେ ଦୁଇ ଦୁର୍ବୃତ୍ତ ଟ୍ରକ୍‌ର ପିଛାକରି ଗୌଡ଼ଗୁଡ଼ା ନିକଟରେ ଅଟକାଇଥିଲେ। ଚାଳକ ଏବଂ ହେଲ୍‌ପରଙ୍କୁ ଭୟ ଦେଖାଇ ସେମାନଙ୍କ ଠାରୁ ଟଙ୍କା ଲୁଟକରି ଖସି ଯିବାକୁ ଚେଷ୍ଟା କରୁଥିବାବେଳେ ସ୍ଥାନୀୟ ଲୋକେ ସେମାନଙ୍କୁ ଉତ୍ତମ ମଧ୍ୟମ ଦେବାସହ ଅମ୍ବାଦଳା ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଦୁଇ ଦୁର୍ବୃତ୍ତଙ୍କୁ ଥାନାକୁ ନେଇ ପଚରାଉଚରା କରିବା ସହ ୨ ବାଇକ୍ ଜବତ କରିଥିଲା। ତଦନ୍ତବେଳେ ବ୍ୟବହାର କରୁଥିବା ଦୁଇ ବାଇକ୍ ମଧ ଚୋରିକରି ଆଣିଥିବା ଜଣାପଡ଼ିଥିଲା। ଉଭୟଙ୍କ ନାମରେ ମାମଲା ରୁଜୁ କରାଯାଇ ସୋମବାର କୋର୍ଟ ଚାଲାଣ କରାଯାଇଥିବା ପୋଲିସ ପ୍ରକାଶ କରିଛି।

### ଭାଜପା ପକ୍ଷରୁ ରକ୍ତଦାନ ଶିବିର

ମାଲକାନଗିରି,୨୬।୯ (ଡି.ଏନ୍.ଏ.)- ମାଲକାନଗିରି ଜିଲା ମାଥିଲି ବ୍ଲକ ଅନ୍ତର୍ଗତ ପାଙ୍ଗାମ ସଦର ପଞ୍ଚାୟତରେ ଭାଜପା ପକ୍ଷରୁ ଏକ ରକ୍ତଦାନ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ମାଲକାନଗିରି ଜିଲା ଭାଜପାର ଯୁବ ମୋର୍ଚ୍ଚା ସଭାପତି ଭବାନୀ ଶଙ୍କର ମୁଖାର୍ଜୀଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ରାଜ୍ୟ ଉପସଭାପତି ତଥା ନବରଙ୍ଗପୁରର ପୂର୍ବତନ ଏମ୍‌ପି ବଳଭଦ୍ରମାଝି, ଯୋଗ ଦେଇ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ମାଲକାନଗିରି ଜିଲାରେ ରୋଗୀଙ୍କ ଜରୁରୀ ଚିକିତ୍ସା ପାଇଁ ଅନେକ ସମୟରେ ରକ୍ତର ଆବଶ୍ୟକାତା ପଡୁଥିବା ବେଳେ ଠିକ୍ ସମୟରେ ରକ୍ତ ମିଳି ନ ଥାଏ। ଫଳରେ ଗୁରୁତର ରୋଗୀଙ୍କ ଚିକିତ୍ସାରେ ବାଧା ସୃଷ୍ଟି ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ଦଳ ତରଫରୁ ଏପରି ପଦକ୍ଷେପ ନିଆଯାଇଛି ବୋଲି ମାଝୀ ପ୍ରକାଶ କରିଛନ୍ତି। ଶିବିରରୁ ମୋଟ ୬୨ ୟୁନିଟ ରକ୍ତ ସଂଗ୍ରହ କରାଯାଇ ଥିଲା। ଅନ୍ୟମାନଙ୍କ ମଧ୍ୟରେ ଜିଲା ସମ୍ପାଦକ ମାଣିକଲାଲ ଚକ୍ରବର୍ତ୍ତୀ, ସଞ୍ଜୟ ସରକାର, ସଜୁ ସରକାର, ନିହାର ରାୟ, ଗଣେଶ ମଣ୍ଡଳଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

## ୨୦୧୭ ରୁ ଘୋଷଣା: ହୋଇପାରୁନି ଜେଏମ୍‌ଏଫ୍‌ସି କୋର୍ଟ

ମୁନିଗୁଡ଼ା,୨୬।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ମୁନିଗୁଡ଼ା ସହର ଦକ୍ଷିଣ ଓଡ଼ିଶାର ଏକ ବ୍ୟବସାୟିକ ପେଣ୍ଠସ୍ଥଳ ଏବଂ ଜିଲାର ଏକ ପ୍ରମୁଖ ଅଞ୍ଚଳ। ହେଲେ ଏଠାରେ ଲୋକଙ୍କୁ ନ୍ୟାୟ ଦେବାପାଇଁ କୋର୍ଟ ନାହିଁ। ଏହି ଅଞ୍ଚଳବାସୀ ବିଷମକଟକ କୋର୍ଟ ଉପରେ ନିର୍ଭରଶୀଳ। ନିୟମଗିରିର ପାହାଡ଼ର ଦୁର୍ଗମ ଅଞ୍ଚଳବାସୀଙ୍କ ସମେତ ରଘୁବାରୀର ଅପହଞ୍ଚ ଘାଟି ଇଲାକାର ଲୋକେ ନ୍ୟାୟ ପାଇଁ ଚାଲିଚାଲି ମୁନିଗୁଡ଼ା ସହରରେ ପହଞ୍ଚିବା ପରେ ସେଠାରୁ ଗାଡ଼ିରେ ବିଷମକଟକ ଯିବାକୁ ପଡୁଛି। ଏଭଳି ଅନେକ ଦୁର୍ଗମ ଅଞ୍ଚଳରେ ନ୍ୟାୟ ବ୍ୟବସ୍ଥା ସୁଗମ କରିବା ସହ ଲୋକଙ୍କୁ ଶୀଘ୍ର ନ୍ୟାୟ ପ୍ରଦାନ ନିମନ୍ତେ ହଇକୋର୍ଟ ଦୁର୍ଗମ ଅଞ୍ଚଳରେ କୋର୍ଟ ପ୍ରତିଷ୍ଠା ନିମନ୍ତେ ୨୦୧୭ ମସିହାରେ ବିଜ୍ଞପ୍ତି ଜାରି କରିଥିଲେ। ସମଗ୍ର ରାଜ୍ୟରେ ୬୫ଟି ଜେଏମ୍‌ଏଫସି ଅଦାଲତ ନିର୍ମାଣ ହେବାକୁ ଥିବାବେଳେ ଏଥିରେ ମୁନିଗୁଡ଼ା ମଧ ଅନ୍ତର୍ଭୁକ୍ତ ଥିଲା। ୨୦୨୨ ଅଗଷ୍ଟରେ ରାୟଗଡ଼ା ଜିଲା ଜଜ୍ ବିକ୍ରମ କେଶରୀ ପଟ୍ଟନାୟକ, ପରିବାର ଅଦାଲତର ବିଚାରପତି ଅମୃତା ନନ୍ଦ ପ୍ରମୁଖ ଏକ ସ୍ୱତନ୍ତ୍ର ଟିମ୍ ଭିତ୍ତିଭୂମି ଅନୁଧ୍ୟାନ ନିମନ୍ତେ ମୁନିଗୁଡ଼ାରେ ପହଞ୍ଚିଥିଲେ। ସ୍ଥାୟୀ ଭାବେ ନିର୍ମାଣ ହେବାକୁ ଥିବା କୋର୍ଟ ଅଞ୍ଚଳ ପରିଦର୍ଶନ କରି ଅସ୍ଥାୟୀଭାବେ କୋର୍ଟ ଚାଲୁ କରିବା ପାଇଁ ମୁନିଗୁଡ଼ା ତହସିଲ ପରିସରରେ ଥିବା ଆନୁସାଙ୍ଗିକ ବ୍ୟବସ୍ଥା ପରଖିଥିଲେ। ସେପ୍ଟେମ୍ବର ୨୪ ରେ ହାଇକୋର୍ଟ ରାଜ୍ୟରେ ନିର୍ମାଣ ହେବାକୁ ଥିବା ସମସ୍ତ ଅସମାପ୍ତ ଓ ଆଦୌ ଆରମ୍ଭ ହୋଇ ନ ଥିବା ଜେଏମ୍‌ଏଫ୍‌ସି କୋର୍ଟର ଭିତ୍ତିଭୂମି, ସମସ୍ୟା ବିଷୟରେ ୧୦ ଅକ୍ଟୋବର ସୁଦ୍ଧା ସବିଶେଷ ତଥ୍ୟ ଦାଖଲ ପାଇଁ ସମସ୍ତ ଜିଲାର ଜିଲ୍ ଓ ଦୌରା ଜଜ୍‌ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୭ରୁ କୋର୍ଟ ସ୍ଥାପନ ନେଇ ବିଜ୍ଞପ୍ତି ପ୍ରକାଶ ପାଇଥିଲେ ମଧ ଏ ପର୍ଯ୍ୟନ୍ତ ମୁନିଗୁଡ଼ାରେ ଜେଏମ୍‌ଏଫ୍‌ସି କୋର୍ଟ ହୋଇପାରି ନାହିଁ। ରାୟଗଡ଼ା ଜିଲାର ମୁନିଗୁଡ଼ା ଓ ଚନ୍ଦ୍ରପୁର ଠାରେ ଜେଏମ୍‌ଏଫ୍‌ସି କୋର୍ଟ ହେବାକୁ ଥିବାବେଳେ ତହସିଲ ଅଫିସ ରେ କୋର୍ଟ ଆରମ୍ଭ କରାଯାଉ ବୋଲି ଦାବି ହୋଇଛି।

# ରୋଗୀଙ୍କ ପାଇଁ ନିର୍ମିତ ସ୍ୱତନ୍ତ୍ର କ୍ୟାବିନ୍ ଗୃହ ଉଦ୍‌ଘାଟିତ

■ ଜିଲାପାଳଙ୍କ ପଦ୍ମପୁର ଗସ୍ତ
■ ଯୁଗ୍ମ ଅଭିଯୋଗ ଶୁଣାଣି, ଉନ୍ନୟନ କାର୍ଯ୍ୟକ୍ରମର ତଦାରଖ

ପଦ୍ମପୁର,୨୬।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ପଦ୍ମପୁର ବ୍ଲକ ସଦ୍‌ଭାବନା ଗୃହରେ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସ୍ୱଧା ଦେବ ସିଂ, ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ସମେତ ଗୁଣପୁର ଉପଜିଲାପାଳ ଲୋକନାଥ ଦଳବେହେରା, ସିଡିଏମ୍‌ଓ ଡା. ଲାଲମୋହନ ରାଉତରାୟ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜିଲା ମଙ୍ଗଳ ଅଧିକାରୀ ଅଶୋକ କୁମାର ଶତପଥୀ, ଜଳଛାୟା ମିଶନ ଅତିରିକ୍ତ ପ୍ରକଳ୍ପ ନିର୍ଦ୍ଦେଶକ ପୂର୍ଣ୍ଣଚନ୍ଦ୍ର ଚୈଧୁରୀ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ରମେଶ ଚନ୍ଦ୍ର ନାୟକ, ପଦ୍ମପୁର ବିଡିଓ ରୀନା ପ୍ରଧାନ, ତହସିଲଦାର ପ୍ରାଣକୃଷ୍ଣ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ରହି ଅଭିଯୋଗ ଶୁଣିଥିଲେ। ମୋଟ ୯୭ ଅଭିଯୋଗର ଶୁଣାଣି ହୋଇଥିଲା। ସେଥିମଧ୍ୟରୁ ୮୫ଟି ବ୍ୟକ୍ତିଗତ ଏବଂ ୧୨ଟି ଗୋଷ୍ଠୀ ସମସ୍ୟା ରହିଥିଲା। ଏଠାରେ ପଦ୍ମପୁର ସରକାରୀ ଆର୍.ଜି. କଲେଜ ଅଧ୍ୟକ୍ଷ ସୁବାସ ଚନ୍ଦ୍ର ସାହୁଙ୍କୁ ଜିଲାପାଳ ଓ ଏସ୍‌ପି ପଟ୍ଟା ପ୍ରଦାନ କରିଥିଲେ।

ଜିଲାପାଳ ପଦ୍ମପୁର ମେଡିକାଲ ଯାଇ ରୋଗୀଙ୍କ ସମସ୍ୟା ବିଷୟରେ ପଚାରି ବୁଝିଥିଲେ। ୮ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ରୋଗୀଙ୍କ ସ୍ୱତନ୍ତ୍ର କ୍ୟାବିନ୍ ଗୃହକୁ ଜିଲାପାଳ ଓ ସିଡିଏମ୍‌ଓ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ପଦ୍ମପୁର ମେଡିକାଲର ମୁଖ୍ୟ ଚିକିତ୍ସାଧିକାରୀ ସରୋଜ ବିନ୍ଧାଣୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେଠାରେ ପଦ୍ମପୁର ତେମ୍ବାଗୁଡ଼ା ପଞ୍ଚାୟତର ବୃନ୍ଦରାଦ ହାଇସ୍କୁଲକୁ ଯାଇ ୫-ଟି କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଅଭିଯୋଗ ଶୁଣାଣିରେ ପାନୀୟ ଜଳ, ଶିକ୍ଷା, ରାସ୍ତା ଘାଟ ଆଦି ସମସ୍ୟା ବିଷୟରେ ଅଭିଯୋଗ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଯୋଗାଣ ଅଧିକାରୀ ପ୍ରଭାକର ମଲ୍ଲିକ, ଆର୍‌ଡବ୍ଲୁଏସ୍‌ଏସ୍ ଯନ୍ତ୍ରୀ ପ୍ରତାପ ଚନ୍ଦ୍ର ବେହେରା, ପଦ୍ମପୁର ଥାନା ଅଧିକାରୀ ସୌଦାମିନୀ ବେହେରା, କୃଷି ଅଧିକାରୀ ସୁଜାତା ନିଶଙ୍କ, ଆଇସିଡିଏସ୍ ଅଧିକାରୀ ପ୍ରମିଳା ବେହେରା, ମିଶନ ଶକ୍ତି ବ୍ଲକ ସଂଯୋଜକ ସୁନୀଲ ମିଶ୍ର, ପଦ୍ମପୁର ଆର୍‌ଡି ବିଭାଗ ଯନ୍ତ୍ରୀ ଶୈଳେନ ମହାପାତ୍ର, ବ୍ଲକ ସମାଜ ମଙ୍ଗଳ ଅଧିକାରୀ ସସ୍ମିତା ରଥ, ବିଇଓ ସୁବାସ ଚନ୍ଦ୍ର ଶବର, ପଦ୍ମପୁର ବ୍ଲକ ଉପାଧ୍ୟକ୍ଷ ରମେଶ ଚନ୍ଦ୍ର ସାହୁ, ଇନ୍ଦୁପୁର ସମିତି ସଭ୍ୟ ଗୋଦାବରୀ ରାଉତ ଓ ବିଭିନ୍ନ ପଞ୍ଚାୟତର ଲୋକେ ପ୍ରତିନିଧି ଓ ଜନସାଧାରଣ ଉପସ୍ଥିତ ଥିଲେ।



ପଦ୍ମପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱତନ୍ତ୍ର ରୋଗୀ କ୍ୟାବିନ୍ ଗୃହ ଉଦ୍‌ଘାଟନ ପରେ ଡାକ୍ତର ଓ କର୍ମଚାରୀଙ୍କ ସହ ଜିଲାପାଳ।

# ସୀମାନ୍ତରେ ପ୍ରତିଷ୍ଠା ଦିବସ ପାଳିଲେ ମାଓବାଦୀ


ମାଓବାଦୀମାନେ ନାଚଗୀତରେ ପ୍ରତିଷ୍ଠା ଦିବସ ପାଳନ କରୁଛନ୍ତି।

**ନାଚ ଗୀତ ସହ ଜଙ୍ଗଲରେ ଶୋଭାଯାତ୍ରାରେ ସରିଲା କାର୍ଯ୍ୟକ୍ରମ**

ମାଲକାନଗିରି, ୨୬।୯(ଡି.ଏନ୍.ଏ./ସ୍ୱ.ପ୍ର.)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ମାଓବାଦୀମାନେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ମାଓବାଦୀ)ର ୧୮ତମ ପ୍ରତିଷ୍ଠା ଦିବସ ସୋମବାର ପାଳନ କରିଛନ୍ତି। ଏହି ଅବସରରେ ଶତାଧିକ ମାଓବାଦୀ ଏକଜୁଟ ହୋଇ ନାଚଗୀତରେ ଏହାକୁ ପାଳନ କରିଥିବା ଜଣାପଡିଛି। ଏଥିରେ ଆଖପାଖ ଅଞ୍ଚଳର ଅନେକ ଲୋକ ସାମିଲ ହୋଇଥିଲେ। ନାଚ ଗୀତର ଆସର ସହ ନୂତନ ଭାବେ ଏକ ଶହୀଦ ସ୍ତମ୍ଭ ନିର୍ମାଣ କରି ମାଓବାଦୀମାନେ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରତିବର୍ଷ ସେପ୍ଟେମ୍ବର ୨୧ରୁ ୨୭ ତାରିଖ ପର୍ଯ୍ୟନ୍ତ ମାଓବାଦୀମାନେ ପାଳନ କରୁଥିବା ଏହି ପ୍ରତିଷ୍ଠା ଦିବସରେ ନାଚ ଗୀତ ପରେ ମାଓବାଦୀ ନେତାମାନେ ନିଜ ସଙ୍ଗଠନର କାର୍ଯ୍ୟ ଓ ନୀତି ସମ୍ପର୍କରେ ଗ୍ରାମବାସୀଙ୍କୁ ଅବଗତ କରାଇ ସଙ୍ଗଠନରେ ସାମିଲ ହେବାକୁ ଆହ୍ୱାନ ଦେଇଥିଲେ। ପରେ ଜଙ୍ଗଲ ମଧ୍ୟରେ ଏକ ଶୋଭାଯାତ୍ରା କରାଯାଇଥିଲା। ସମାବେଶରେ ଛତିଶଗଡ଼ ସହ ତେଲେଙ୍ଗନା, ଆନ୍ଧ୍ରପ୍ରଦେଶ ଓ ଓଡିଶାର ଅନେକ ମାଓବାଦୀ ସମର୍ଥକ ସାମିଲ ହୋଇଥିଲେ। ତେବେ ଏହି ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମ ମାଲକାନଗିରି ଜିଲାରେ କୌଣସି ପ୍ରଭାବ ପକାଇନାହିଁ।

## ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ସେମି ଫାଇନାଲରେ ଜୟପୁର ସିୱାଇଏ ବିଜୟୀ

ମାଥିଲି, ୨୬।୯ (ଡି.ଏନ.ଏ.)

ମାଲକାନଗିରି ଜିଲା ମାଥିଲି ଖେଳପଡିଆଠାରେ ଚାଲିଥିବା ଆନ୍ତଃରାଜ୍ୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ସୋମବାର ସେମି ଫାଇନାଲରେ ଜୟପୁର ଦଳ ବିଜୟୀ ହୋଇଛି। ଜୟପୁର ସିୱାଇଏ ଟିମ ଓ ଗିର୍ଲା ଦଳ ମଧ୍ୟରେ ମ୍ୟାଚ ହୋଇଥିଲା । ଏଥିରେ ୦ - ୨ ଗୋଲରେ ଜୟପୁର ସିୱାଇଏ ଟିମ୍ ବିଜୟୀ ହୋଇଥିଲା। ଦଳକୁ ବିଜୟୀ କରାଇବାରେ ଖେଳାଳି ଏଲଏସ୍କ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ମୁଖ୍ୟଅତିଥି ଭାବେ ମାଥିଲି ସରପଞ୍ଚ କାନାମରାଜୁ ନାୟକ, ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଗୌରୀ ବଟେ, ମାଥିଲି ପିଇଓ ଅଶୋକ ମହାରଣା, ବରିଷ୍ଠ ଖେଳାଳି ଅବଦୁଲ ଗାଫାର, ସମାଜିକ କର୍ମୀ ରୋହିତ




ବେହେରା ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟୁର୍ଣ୍ଣାମେଣ୍ଟର ସଭାପତି ଏ. ରାଜୁ, ସମ୍ପାଦକ ବାସୁଦେବ କପେ, ତୁଷାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

## ମାଲକାନଗିରିରୁ କଟକକୁ ୨ଟି ନୂତନ ଘରୋଇ ବସ୍ ଶୁଭାରମ୍ଭ

ମାଲକାନଗିରି,୨୬।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ମୋଟୁଠାରୁ ରାଜଧାନୀ ଭୁବନେଶ୍ୱରକୁ ସୋମବାର ୨ଟି ଘରୋଇ ବସ୍ ସେବା ଆରମ୍ଭ ହୋଇଛି। ପୂର୍ବତନ ବିଧାୟକ ମାନସ ମାଡକାମି ଏହାକୁ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ଏହି ସମୟରେ ପୌରାଧ୍ୟକ୍ଷ ମନୋଜ ବାରିକ, ସାମାଜି କର୍ମୀ ଜି. ଶ୍ରୀନିବାସ ରାଓ, ଘରୋଇ ବସ୍ ମାଲିକ ସଂଘର ସମସ୍ତ କର୍ମକର୍ତ୍ତା ଓ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏହି ବସ୍ ଚାଲିବା ଦ୍ୱାରା ଯାତ୍ରୀମାନେ ବିଶେଷ ଉପକୃତ ହେବେ।

## ଅଙ୍ଗନୱାଡ଼ି କର୍ମୀଙ୍କୁ ନେଇ ଜିଲାସ୍ତରୀୟ ଆଲୋଚନା


ଆଲୋଚନା ସଭାରେ ଉପସ୍ଥିତ ଅତିଥି।

ମାଲକାନଗିରି,୨୬।୯(ସ୍ୱ.ପ୍ର.)

ମାଲକାନଗିରି ଜିଲା ସଦର ମହକୁମାଠାରେ ରବିବାର ଜିଲା ପରିଷଦ ଭବନ ସଭାଗୃହରେ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ଜିଲାସ୍ତରୀୟ ଆଲୋଚନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟ ଅଙ୍ଗନୱାଡି ସଂଘ ସଭାନେତ୍ରୀ ନନ୍ଦିନୀ ପଣ୍ଡା ଓ ଝୁନୁ ମହାନ୍ତି ଯୋଗଦେଇ ସେମାନଙ୍କ କାର୍ଯ୍ୟପନ୍ଥା ସମ୍ପର୍କରେ କର୍ମୀଙ୍କୁ ଅବଗତ କରାଇଥିଲେ। ମୁଖ୍ୟଅତିଥି ଭବେ ଏମ୍‌ପି ରମେଶ ଚନ୍ଦ୍ର ମାଝୀ, ଜିଲା ବିଜୁ ଜନତା ଦଳର ସଭାପତି ତଥା ଚିତ୍ରକୋଣ୍ଡା ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକା,ଜିଲା ବିଜୁ ଜନତା ଦଳ ବରିଷ୍ଠ ଉପଦେଷ୍ଟା ରାଜେନ୍ଦ୍ର ପଣ୍ଡା, ସମ୍ପାଦକ ଗୋପାଳ ପଣ୍ଡା, ବିଜେଡି ଯୁବ ସଭାପତି ଆଡମା ରାବା, ଅବିଭକ୍ତ କୋରାପୁଟ ମହିଳା ଜୋନ କାର୍ଯ୍ୟକାରୀ ସଭାନେତ୍ରୀ ସୁକାନ୍ତି ବୁରୁଦା, ଜିଲା ମହିଳା ସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାଏକଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ। ସମସ୍ତ ଅଞ୍ଚଳର ଅଙ୍ଗନୱାଡି କର୍ମୀ,ସହାୟିକା ଏବଂ ମିନି ଅଙ୍ଗନୱାଡିର କର୍ମୀମାନେ ଯୋଗଦେଇ ସେମାନଙ୍କ ବିଭିନ୍ନ ଦାବି ଓ ସମସ୍ୟା ଉପସ୍ଥାପନ କରିଥିଲେ।

# ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଦେୟମୁକ୍ତ କରାଯାଉ

ଜୟପୁର,୨୬।୯ (ନି.ପ୍ର.)

ସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଦେୟମୁକ୍ତ କରାଯାଉ ବୋଲି ଦାବି ହୋଇଛି । ଏନେଇ ସାମାଜିକ କର୍ମୀ ବି . ହରିରାଓଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଜୟପୁର ବ୍ଲକ କାର୍ଯ୍ୟାଳୟରେ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ତରଫରୁ ଜାରି କରାଯାଇଥିବା ନିର୍ଦ୍ଦେଶରେ ସମସ୍ତ ଯାନବାହନ ପାଇଁ ପୁରୁଣା ଗାଡି ନମ୍ବର ବଦଳରେ ହାଇ ସିକ୍ୟୁରିଟି ନମ୍ବର ପ୍ଲେଟ ଲଗାଯିବ। ଏଥିଲାଗି ଅନ୍‌ଲାଇନରେ ଆବେଦନ କରାଯିବାକୁ କୁହାଯାଇଛି । ଆବେଦନ ସମୟରେ ଫିଂବାବଦକୁ ଟଙ୍କା ବାନ୍ଧିବାକୁ ମଧ୍ୟ କୁହାଯାଇଛି। ଗରିବ ଶ୍ରେଣୀର ଲୋକମାନେ ଏହି ନମ୍ବର ପ୍ଲେଟ ବାବଦରେ ଜାଣିନାହାନ୍ତି ଏବଂ ସେମାନେ ଟଙ୍କା ବାନ୍ଧିବା ପାଇଁ ସକ୍ଷମ ନୁହନ୍ତି। ଏଥିପାଇଁ ଧାର୍ଯ୍ୟ ଫି ଛାଡ କରିବାକୁ ଗ୍ରାମବାସୀ ଦାବିପତ୍ରରେ ଉଲ୍ଲେଖ କରିବା ସହ ଦାବି କରିଛନ୍ତି। ଦାବିପତ୍ର ପ୍ରଦାନ ସମୟରେ ବିଭୂତି ରଞ୍ଜନ ମଙ୍ଗରାଜ, ରାଜ କିଶୋର ଦାସ, ଡମ୍ବରୁ ଖିଲଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।


ଦାବିପତ୍ର ଦେବାକୁ ଆସିଥିବା ଗ୍ରାମବାସୀ।

# ସେବାଶ୍ରମ ସ୍କୁଲ ଛାତ୍ରଙ୍କ ସନ୍ଦେହଜନକ ମୃତ୍ୟୁ

**ସ୍କୁଲ କର୍ତ୍ତୃପକ୍ଷଙ୍କୁ ଦାୟୀ କଲେ ସରପଞ୍ଚଙ୍କ ପ୍ରତିନିଧି**

ସୁନାବେଡା,ସେମିଳିଗୁଡା,୨୬।୯ (ସ୍ୱ.ପ୍ର.)

କୋରାପୁଟ ଜିଲା ସେମିଳିଗୁଡା ଥାନା ଅଧୀନ ଦଳେଇଗୁଡା ପଞ୍ଚାୟତର ସେବାଶ୍ରମ ସ୍କୁଲରେ ସୋମବାର ଘଟିଛି ଏକ ଦୁଃଖଦ ଘଟଣା। ଆକସ୍ମିକ ଭାବରେ ଜଣେ ଦ୍ୱିତୀୟ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟିଛି। ସେ ହେଉଛନ୍ତି ବାଗୁରୁଗୁଡା ଗ୍ରାମର ଭାସ୍କର ଜାନିଙ୍କ ପୁଅ ସୁରଜ।

ଶନିବାର ରାତି ପ୍ରାୟ ୧୧ଟାରେ ସୁରଜ ବାଥରୁମ ଯାଇଥିବା ବେଳେ କୌଣସି କାରଣରୁ ବାଥ ରୁମରେ ପଡି ଯାଇଥିଲେ। ଫଳରେ ସେ ଗୁରୁତର ଆହତ ହୋଇଥିଲେ। ସ୍କୁଲ କର୍ତ୍ତୃପକ୍ଷ ତୁରନ୍ତ ତାଙ୍କୁ ନିକଟସ୍ଥ କୁନ୍ଦୁଲି ଗୋଷ୍ଠୀ ସାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ସେଠାରେ ଅବସ୍ଥା ଗୁରୁତର ହେବାରୁ ଡାକ୍ତର ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଆବଶ୍ୟକ ଚିକିତ୍ସା ଉପକରଣ ନ ଥିବା ଦର୍ଶାଇ ଡାକ୍ତର ବ୍ରହ୍ମପୁର ମେଡିକାଲ ପଠାଇ ଦେଇଥିଲେ । ସେଠାରୁ ମଧ୍ୟ ନିରାଶ ହେବା ପରେ ପରିବାର ଲୋକେ ସୁରଜଙ୍କୁ ବିଶାଖାପାଟଣାର ଏକ ଘରୋଇ ମେଡିକାଲକୁ ନେଇଥିଲେ। ସେଠାରେ ପହଞ୍ଚିବା ବେଳକୁ ତାଙ୍କ ସ୍ଥିତି ସଙ୍ଗୀନ ହୋଇଯାଇଥିଲା। ଫଳରେ ଡାକ୍ତର ଫେରାଇ ଦେଇଥିଲେ। ଫେରିବା ବାଟରେ ସୁରଜଙ୍କ ମୃତ୍ୟୁ ଘଟିଥିଲା। ଏନେଇ ସୋମବାର ସୁରଜଙ୍କ ବାପା ଥାନାର ଦ୍ୱାରସ୍ଥ ହୋଇ ଲିଖିତ ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷରେ ଏହି ଘଟଣା ପାଇଁ ଦଳେଇଗୁଡା ସରପଞ୍ଚଙ୍କ ପ୍ରତିନିଧି ମଗୁଡୁ ଜାନି ସ୍କୁଲ କର୍ତ୍ତୃପକ୍ଷଙ୍କ ଦାୟିତ୍ୱହୀନତାକୁ ଦାୟୀ କରିଛନ୍ତି। ପୂର୍ବରୁ ମଧ୍ୟ ୨ଜଣ ଛାତ୍ରଙ୍କ ଆକସ୍ମିକ ଭାବରେ ମୃତ୍ୟୁ ଘଟିଥିଲା । ଜଣେ ଛାତ୍ର ନଈରେ ବୁଡି ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଛାତରୁ ପଡି ମୃତ୍ୟୁବରଣ କରିଥିଲେ ବୋଲି ସେ କହିଛନ୍ତି। ଏହି ଘଟଣା ପରେ ସେବାଶ୍ରମ ସ୍କୁଲରେ ଛାତ୍ରୀଛାତ୍ରମାନେ କେତେ ସୁରକ୍ଷିତ ସେନେଇ ଅଭିଭାବକଙ୍କ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ସେମିଳିଗୁଡା ଥାନାରେ କେସ ନଂ. ୧୯/୨୨ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇ ଘଟଣାର ତଦନ୍ତ ଚାଲିଥିବା ଏସଡ଼ିପିଓ ମନୋଜ ବେହେରା କହିଛନ୍ତି।

## ସଂକ୍ଷେପରେ

### ବାଇକ ସହ ବୋଲେରୋ ଧକ୍କା, ୩ ଆହତ

ପାପଡ଼ାହାଣ୍ଡି,୨୬।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ସଦର ମହକୁମାର ନୀଳକଣ୍ଠେଶ୍ୱର ମନ୍ଦିର ନିକଟରେ ସୋମବାର ଏକ ବାଇକ ସହ ବୋଲେରୋ ଧକ୍କାହେବା ଫଳରେ ୩ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ନବରଙ୍ଗପୁର ବ୍ଲକ ମସିଗାଁ ପଞ୍ଚାୟତ ଦଶପୁର ଗ୍ରାମର ମଧୁ ନାୟକ, ତାଙ୍କ ସ୍ତ୍ରୀ ଧନମତି ଓ ପୁଅ ଗଗନ। ମଧୁଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ ନବରଙ୍ଗପୁର ପଠାଯିବ ବୋଲି ଡାକ୍ତର ମନସ୍ମିତା ମହାନ୍ତି କହିଛନ୍ତି। ସୂଚନା ମୁତାବକ ବୋଲେରୋଟି ପାପଡ଼ାହାଣ୍ଡି ସ୍ୱାସ୍ଥ୍ୟକେନ୍ଦ୍ରରୁ ନବରଙ୍ଗପୁର ଯିବା ସମୟରେ ମଧୁଙ୍କ ବାଇକ ସହ ଧକ୍କା ହୋଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାରକରି ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଛନ୍ତି।

### ଦୁର୍ଘଟଣାରେ ଗୁରୁତର ବାଛୁରୀଙ୍କୁ ଉଦ୍ଧାରକଲେ ଯୁବକ



ପାପଡ଼ାହାଣ୍ଡି, ୨୬।୯(ଡି.ଏନ୍.ଏ.)- ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ସଦର ମହକୁମା ଚାରିଛକରେ ଗୋଟିଏ ବାଛୁରୀକୁ ଟ୍ରକ୍ ଧକ୍କାଦେବାରୁ ସେ ଆହତ ହୋଇଥିଲେ। ଜଣେ ମୁସଲମାନ ଯୁବକ ଉକ୍ତ ଆହତ ବାଛୁରୀଟିକୁ ଉଦ୍ଧାରକରି ଡାକ୍ତରଖାନାରେ ଚିକିତ୍ସା କରାଇଛନ୍ତି। ଶନିବାର ରାତିରେ ଜାତୀୟ ରାଜପଥ ୨୬ରେ ଏକ ୧୨ ଚକିଆ ଟ୍ରକ୍ କଳାହାଣ୍ଡିରୁ ଜୟପୁର ଅଭିମୁଖେ ଯାଉଥିବାବେଳେ ରାସ୍ତା ଉପରେ ଶୋଇଥିବା ବାଛୁରୀର ଦୁଇଟି ଗୋଡ଼ ଉପରେ ଚଢ଼ିଯାଇଥିଲା। ବାଛୁରୀ ଗୋଡ଼ରୁ ରକ୍ତସ୍ରାବ ହେବାସହ ସେ ଗୁରୁତର ହୋଇ ପଡି ରହିଥିଲା। ସ୍ଥାନୀୟ ଲୋକେ କେବଳ ଦେଖଣାହାରି ସାଜିଥିବାବେଳେ ପାପଡ଼ାହାଣ୍ଡିର ରିୟାଜ ଖାନ୍ ଏକ କପଡ଼ାରେ ବାଛୁରୀର ଗୋଡ଼କୁ ବାନ୍ଧିଥିଲେ। ପାପଡ଼ାହାଣ୍ଡି ପ୍ରାଣୀ ଡାକ୍ତରଙ୍କୁ ଡାକି ଚିକିତ୍ସା କରାଇଥିଲେ। ରିୟାଜ ନିଜ ଟଙ୍କାରେ ଏକ ଅଟୋ ଭଡ଼ା କରି ପଶୁଡାକ୍ତରଖାନାକୁ ନେଇଥିଲେ। ଉକ୍ତ ବାଛୁରୀଟିର ଚିକିତ୍ସା ଜାରି ରହିଛି।

### ପୋଲିସକୁ ସହଯୋଗ କରିବାକୁ ପରାମର୍ଶ

କୁନ୍ଦୁରା,୨୬।୯ (ଡି.ଏନ୍.ଏ.)-କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଅନ୍ତର୍ଗତ ଆସନା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ କୁନ୍ଦୁରା ଥାନା ପକ୍ଷରୁ ଆମ ପୋଲିସ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପଞ୍ଚାୟତର ୧୧ଟି ୱାର୍ଡରୁ ୨୬ଟି ଗ୍ରାମର ଶତାଧିକ ଗ୍ରାମବାସୀ ଉପସ୍ଥିତ ଥିଲେ। କୁନ୍ଦୁରା ଥାନା ଅଧିକାରୀ ସମର୍ପିତା ସ୍ୱାଇଁ, ଏସଆଇ ଗୋବିନ୍ଦ ହଂସଦାସ, ସରପଞ୍ଚ ଜୟନ୍ତୀ ପୂଜାରୀ, ସମିତିସଭ୍ୟା ଗୋରୀ ହରିଜନ ପ୍ରମୁଖ ମଞ୍ଚାସୀନ ଥିଲେ। ଥାନା ଅଧିକାରୀ ଆମ ପୋଲିସ ସମିତି ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ ଆଲୋଚନା କରି ପୋଲିସକୁ ସହଯୋଗ କରିବାକୁ ପରାମର୍ଶ ଦେଇଥିଲେ। ଏଥିସହ ନିଶା ସେବନ ନ କରିବା, ବାଲ୍ୟ ବିବାହ ଓ ଉଦୁଲିଆ ବିବାହ ବନ୍ଦ କରିବା, ଅନ୍ଧ ବିଶ୍ୱାସରୁ ଦୂରେଇ ରହିବା, ସ୍ୱାସ୍ଥ୍ୟ ଖରାପ ହେଲେ ଡାକ୍ତରଖାନା ଯିବା, ବାଇକ୍ ଚାଳନା ହେଲମେଟ ବ୍ୟବହାର କରିବା, ରାତି ସମୟରେ ଅଜଣା ଗାଡି ବା ବ୍ୟକ୍ତି ବିଶେଷଙ୍କୁ ଦେଖିଲେ ତୁରନ୍ତ ପୋଲିସକୁ ଜଣାଇବା ପାଇଁ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନାଗରିକ ଓବେଦୁର ରହେମାନ, ଲଇଚନ ସାନ୍ତା, ରାମଚନ୍ଦ୍ର ତ୍ରିପାଠୀ, ପଞ୍ଚାୟତର ସମସ୍ତ ୱାର୍ଡମେମ୍ବର, ନାଏବ ସରପଞ୍ଚ ଉପସ୍ଥିତ ଥିଲେ। ସାମାଜିକ କର୍ମୀ ସୁରେନ୍ଦ୍ର ସଗରିଆ ଧନ୍ୟବାଦ ଦେଇଥିଲେ।

# ବର୍ଷାଦିନେ ଛତା ଧରି ପଢୁଛନ୍ତି ଅଷ୍ଟମ ଶ୍ରେଣୀ ପିଲା

ନବରଙ୍ଗପୁର,୨୬।୯(ବି.ପ୍ର.)

ଶିକ୍ଷା ମାନବ ସମାଜର ଦର୍ପଣ। ହେଲେ ଭିତ୍ତିଭୂମିର ବିକାଶ ନ କରାଯାଇ ବିଦ୍ୟାଳୟଗୁଡ଼ିକୁ ପ୍ରାଥମିକରୁ ମାଧ୍ୟମିକ ବିଭାଗକୁ ଉନ୍ନୀତ କରି ଦିଆଯାଉଛି । ଛାତ୍ରୀଛାତ୍ର ବସିବା ପାଇଁ କ୍ଲାସ୍ ରୁମ୍ ନାହିଁ। ଖେଳକୁଦ ପାଇଁ ମଧ ପଡ଼ିଆଟିଏ ନ ଥିବା ଦୃଶ୍ୟ ଦେଖିବାକୁ ମିଳୁଛି ନବରରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ମେଣ୍ଟ୍ରି ବିଦ୍ୟାଳୟରେ।

୧୯୦୨ରେ ଏହି ବିଦ୍ୟାଳୟ ସ୍ଥାପିତ। ଏବେ ତାହା ଉନ୍ନୀତ କରାଯାଇ ୟୁଜି ହାଇସ୍କୁଲ ଭାବେ ପରିଚାଳିତ ହେଉଛି। ବିଦ୍ୟାଳୟରେ ୧ମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୪୧୦ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ବିଦ୍ୟାଳୟର ସମସ୍ତ ଶ୍ରେଣୀଗୃହ ଆଜବେଷ୍ଟସ୍ ପଡ଼ିଛି। ଆଜ୍‌ବେଷ୍ଟସ୍‌ଗୁଡିକ ଫାଟିଯାଇଛି । ଶ୍ରେଣୀଗୃହ ଅଭାବ ଯୋଗୁ ପ୍ରଥମ ଓ ଦ୍ୱୀତୀୟ ଶ୍ରେଣୀ ଛାତ୍ରୀଛାତ୍ର ଗୋଟିଏ କୋଠରିରେ ବସି ପାଠ ପଢୁଛନ୍ତି। ଅଷ୍ଟମ ଶ୍ରେଣୀ ପିଲାମାନେ ବସି ପଢୁଥିବା କୋଠାର ଆଜ୍‌ବେଷ୍ଟସ୍ ଫାଟିଯାଇଛି। ଫଳରେ ବର୍ଷାଦିନେ ପିଲାମାନେ ଶ୍ରେଣୀଗୃହରେ ଛତା ଧରି ବସି ପଢୁଥିବା ଦୃଶ୍ୟ ଦେଖିବାକୁ ମିଳୁଛି। ନବମ ଶ୍ରେଣୀରେ ୯୧ ଓ ୧୦ମରେ ୪୮ ଜଣ ଛାତ୍ରୀଛାତ୍ର ପଢୁଛନ୍ତି। ଗୋଟିଏ କୋଠରିରେ ନବମ ଶ୍ରେଣୀ ଛାତ୍ରୀଛାତ୍ର ଖୁନ୍ଦାଖୁନ୍ଦି ହୋଇ ବସୁଛନ୍ତି। କାର୍ଯ୍ୟାଳୟ ସମେତ ଦୁଇଟି କୋଠରିରେ ସ୍ୱଳ୍ପ ବର୍ଷା ହେଲେ ପାଣି ଗଳୁଛି। ପିଲାମାନେ ବସି ପାଠ ପଢ଼ିବା କଷ୍ଟକର ହୋଇପଡୁଛି। ପିଲାମାନେ ଖେଳିବା ପାଇଁ ପଡ଼ିଆଟିଏ ମଧ ନାହିଁ। ଅତିରିକ୍ତ ଶ୍ରେଣୀଗୃହ ଓ ପାଚେରି ନିର୍ମାଣ ପାଇଁ ଅନେକ ଥର ଜିଲାପାଳ, ବିଧାୟକ ଓ ଏମ୍‌ପିଙ୍କୁ ଦର୍ଶାଯାଇଛି। ତଥାପି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ନଳକୂପ ରହିଛି। ପାଣି ପିଇବା ଉପଯୋଗୀ ହୋଇ ପାରୁନାହିଁ। ଗାଁକୁ ଯୋଗାଣ ହେଉଥିବା ପାଇପ ଯୋଗେ ପାଣି ବିଦ୍ୟାଳୟକୁ ଅଣାଯାଇଛି। ସେଥିରେ ମଧ ଠିକ୍ ଭାବେ ପାଣି ଆସୁ ନାହିଁ। ପିଲାମାନେ ପିଇବା ପାଣି ପାଇଁ ବହୁ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଧାହ୍ନଭୋଜନ ରୋଷେଇ ପାଇଁ ପାଣିର ଆବଶ୍ୟକ ରହୁଛି। ବିଦ୍ୟାଳୟରେ ଅତିରିକ୍ତ ଶ୍ରେଣୀଗୃହ, ପାଚେରି ଓ ପାଣିର ବ୍ୟବସ୍ଥା କରାଯାଉ ବୋଲି କହିଛନ୍ତି ଅଭିଭାବକ। ଏନେଇ ଜିଲା ଶିକ୍ଷାଧିକାରୀ ପ୍ରଦୀପ କୁମାର ନାଗଙ୍କୁ ପଚାରିବାରୁ ଶ୍ରେଣୀଗୃହ ନିର୍ମାଣ ପାଇଁ ପ୍ରସ୍ତାବ ରହିଛି । ବିଦ୍ୟାଳୟର ଉନ୍ନତୀକରଣ କରାଯିବ ବୋଲି ସେ କହିଛନ୍ତି।

**ମେଣ୍ଟ୍ରି ୟୁଜି ହାଇସ୍କୁଲ**



- ଗୋଟିଏ ଶ୍ରେଣୀରେ ପଢୁଛନ୍ତି ନବମ, ଦଶମ ପିଲା
- ଆଜ୍‌ବେଷ୍ଟସ୍ ଫାଟି ଗଳୁଛି ପାଣି
- ଶ୍ରେଣୀଗୃହ, ପାଚେରି, ଭିତ୍ତିଭୂମିର ବିକାଶ ଦାବି

# ପ୍ରଥମ ଥର ଗୁଳିପାଟଣା ମଣ୍ଡପରେ ନବରାତ୍ର ପୂଜା



ମଣ୍ଡପରେ ମାଁଙ୍କ ପୂଜାର୍ଚ୍ଚନା ଚାଲିଛି ।

ଉମରକୋଟ, ୨୬।୯(ସ୍ୱ.ପ୍ର.)

ନବରଙ୍ଗପୁର ଜିଲା ଉମରକୋଟ ସହର ଗୁଳିପାଟଣା ସାହି ପୂଜା ମଣ୍ଡପରେ ପ୍ରଥମ ଥର ପାଇଁ ସୋମବାରଠାରୁ ନବରାତ୍ର ପୂଜା ଆରମ୍ଭ ହୋଇଛି। ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଭକ୍ତ ଏହି ପୂଜାରେ ଯୋଗ ଦେଇଥିଲେ। ଏହା ୧୦ ଦିନ ଧରି ଚାଲିବ। ପ୍ରଥମ ଦିନରେ ବେଲବରଣ କରାଯାଇ ନଦୀରୁ ପାଣି ଉଠାଯାଇଥିଲା। କଳସ ଯାତ୍ରାକୁ ବାଣ, ବାଜା ଘଣ୍ଟଘଣ୍ଟା ଧ୍ୱନିରେ ଆମନ୍ତ୍ରଣ କରି ଅଣାଯାଇଥିଲା। ପୂଜକ ଲକ୍ଷ୍ମୀ ତ୍ରିପାଠୀ ସମସ୍ତ ପୂଜାର୍ଚ୍ଚନା କରୁଛନ୍ତି। ମା'ଙ୍କ ପ୍ରଥମ ରୂପ ଶୈଳପୁତ୍ରୀଙ୍କୁ ଆବାହନ କରି ମଣ୍ଡପରେ ପୂଜା କରାଯାଇଥିଲା।

# ଶହୀଦଙ୍କ ଗାଁ ବୁଲିଲେ ଶିଶୁଗୃହ, ଅନାଥାଶ୍ରମ ଅନ୍ତେବାସୀ




ମାଥିଲି ଥାନାରେ ଅନ୍ତେବାସୀ, ଅଧିକାରୀ ଓ ଅନ୍ୟମାନେ।

ମାଲକାନଗିରି,୨୬।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲା ଶିଶୁ ମଙ୍ଗଳ କମିଟି ପକ୍ଷରୁ ସ୍ୱାଧୀନତାର ଅମୃତ ମହୋତ୍ସବ ପାଳନ ଅବସରରେ ଶିଶୁଗୃହ ଓ ଅନାଥାଶ୍ରମର ଅନ୍ତେବାସୀଙ୍କୁ ସ୍ୱାଧୀନତା ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଲିଗୁମ୍ମାକୁ ବୁଲାଇବାକୁ ନିଆଯାଇଛି। ଅନ୍ତେବାସୀମାନେ ସଂଗ୍ରାମୀଙ୍କ ଅନ୍ତୁଡ଼ିଶାଳ ଓ ଶହୀଦସ୍ତମ୍ଭ ପରିଦର୍ଶନ କରିଥିଲେ।

ସୋମବାର ମାଲକାନଗିରି ପରିବର୍ତ୍ତନ ଶିଶୁଗୃହ, କୋରକୁଣ୍ଡା ନୀଳାଞ୍ଚଳ ଆଦିବାସୀ ସେବାଶ୍ରମ, ଖଇରପୁଟ ମୁଣ୍ଡିଗୁଡ଼ା ଜୟ ଶିଶୁଗୃହର ମୋଟ ୫୦ ଅନ୍ତେବାସୀ ମାଥିଲି ଥାନା ପରିସରରେ ସ୍ଥାପିତ ମାଥିଲି ଗୁଳିକାଣ୍ଡ ଦିବସର ସ୍ମୃତିସ୍ତମ୍ଭ, ପୁରୁଣା ଥାନା ପରିଦର୍ଶନ କରିଥିଲେ। ଥାନାଧିକାରୀ ସୂର୍ଯ୍ୟପ୍ରକାଶ ନାୟକ ପିଲାମାନଙ୍କୁ ପୁରୁଣା ଥାନା ବୁଲାଇ ଦେଖାଇ ମାଥିଲି ଗୁଳିକାଣ୍ଡ ଦିବସ, ସଂଗ୍ରାମୀଙ୍କ ବଳିଦାନ ଓ ଓଡ଼ିଶା ପୋଲିସର କର୍ତ୍ତବ୍ୟ ସମ୍ପର୍କରେ ବୁଝାଇଥିଲେ। ପରେ ଶହୀଦ ଲକ୍ଷ୍ମଣ ନାୟକଙ୍କ ଜନ୍ମସ୍ଥାନ ତେନ୍ତୁଲିଗୁମ୍ମା ଗ୍ରାମକୁ ଯାଇ ସେଠାରେ ତାଙ୍କ ଅନ୍ତୁଡ଼ିଶାଳ, ଶହୀଦ ପୀଠ, ସବୁଜ ଉଦ୍ୟାନ ବୁଲିଦେଖିବା ସହ ଶହୀଦ ଲକ୍ଷ୍ମଣ ନାୟକଙ୍କ ଦାୟାଦ ତଥା ନାତି ମଧୁ ନାୟକ, ଅଣନାତି ପୂର୍ବତନ ସରପଞ୍ଚ ବୁଦ୍ରା ନାୟକ, ନାତୁଣୀବୋହୂ ମନମତି ନାୟକଙ୍କୁ ଭେଟି ଲକ୍ଷ୍ମଣ ନାୟକଙ୍କ ସମ୍ପର୍କରେ ସବିଶେଷ ତଥ୍ୟ ପଚାରି ବୁଝିଥିଲେ। ବନବାସୀ ଗବେଷକ ରତ୍ନାକର ଦାଶ ସଂଗ୍ରାମୀ ଶହୀଦ ଲକ୍ଷ୍ମଣ ନାୟକଙ୍କ ସଂଗ୍ରାମମୟ କାହାଣୀ, ମାଥିଲି ଗୁଳିକାଣ୍ଡରେ ଇଂରେଜଙ୍କ ଗୁଳିମାଡ଼ ଆଦି ସମ୍ପର୍କରେ ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ଶେଷରେ ତେନ୍ତୁଲିଗୁମ୍ମାରେ ପ୍ରତିଷ୍ଠିତ ମୀନାକ୍ଷୀ ପାୱାର ହାଉସ୍ ପରିଦର୍ଶନ କରି ଜଳ ବିଦ୍ୟୁତ୍ ଉତ୍ପନ୍ନ ସମ୍ପର୍କରେ ଜ୍ଞାନ ଅର୍ଜନ କରିଥିଲେ। ଜଳ ବିଦ୍ୟୁତ୍ ପ୍ରକଳ୍ପ ପରିଚାଳକ ବୈଦ୍ୟନାଥ ଅଗ୍ରୱାଲ ଓ ପାୱାର ହାଉସ୍ ଇଞ୍ଜିନିୟର ପିଲାମାନଙ୍କୁ ଜଳରୁ କିପରି ବିଦ୍ୟୁତ୍ ଉତ୍ପନ୍ନ, ଟର୍ବାଇନ୍, ଟନେଲ ଆଦିକୁ ବୁଲାଇ ଦେଖାଇଥିଲେ। ଏହି କାର୍ଯ୍ୟକ୍ରମରେ ଜିଲା ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଅଶୋକ କୁମାର ପଟ୍ଟନାୟକ, ସଭ୍ୟ ରାମଗୋବିନ୍ଦ ପଣ୍ଡା, ସୁନାକର ପାଳ, ସଭ୍ୟା ଚୁମ୍‌କି ବେହେରା, ଜିଲା ଶିଶୁ ସୁରକ୍ଷା ଆଇନ ଅଧିକାରୀ ସତ୍ୟଜିତ ପଣ୍ଡା, ଜିଲା ଶିଶୁ ସୁରକ୍ଷା ଆନୁଷ୍ଠାନିକ ଯତ୍ନ ଅଧିକାରୀ ସୁଦେଷ୍ଣା ରାଉତ, ଚାଇଲ୍ଡଲାଇନ୍ ସଭ୍ୟା ସୁକାନ୍ତି ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ।

### ପରଲୋକରେ ବିଧାୟକ ଗୁରୁ ନାୟକଙ୍କ ପୁଅ କିଶୋର

ମାଲକାନଗିରି,୨୬।୯(ଡି.ଏନ୍.ଏ.)

ମାଲକାନଗିରି ଜିଲା ସଦର ବ୍ଲକ ଅଧୀନ ବୋଇଲାପାରି ଗ୍ରାମର ପୂର୍ବତନ ବିଧାୟକ ସ୍ୱର୍ଗତ ଗୁରୁ ନାୟକଙ୍କ ପୁଅ ତଥା ସାମାଜିକ କର୍ମୀ କିଶୋର ନାୟକଙ୍କ ସୋମବାର ମୃତ୍ୟୁ ହୋଇଛି। ଖବରପାଇ ଜିଲା ବିଜେଡି ବରିଷ୍ଠ ନେତା ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀ, ମାଲକାନଗିରି ବ୍ଲକ ଅଧ୍ୟକ୍ଷା ଗୌରୀ ପଡ଼ିଆମୀ, ପଦ୍ମଗିରି ଜୋନ୍ ଜିଲା ପରିଷଦ କୁନି ଭୂମିଆ, ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଦଶରଥ ପଡିଆମୀ ପ୍ରମୁଖ କିଶୋରଙ୍କ ଶେଷଦର୍ଶନ ପାଇଁ ପହଞ୍ଚି ତାଙ୍କ ଅନ୍ତିମ ଯାତ୍ରାରେ ସାମିଲ ହୋଇଥିଲେ। ମୃତକଙ୍କ ପରିବାର ସଦସ୍ୟଙ୍କୁ ଭେଟି ସମବେଦନା ଜଣାଇଥିଲେ। ମୃତକ କିଶୋର ସ୍ଥାନୀୟ ଅଞ୍ଚଳରେ ଜଣେ ସାମାଜିକ କର୍ମୀଭାବେ ବେଶ୍ ପରିଚିତ। ସେ ମାଲକାନଗିରିର ପ୍ରଥମ ବିଧାୟକଙ୍କ ପୁଅ। ବାପାଙ୍କ ଭଳି ନିଜକୁ ଜନସେବାରେ ନିୟୋଜିତ ରଖି ଚାଷବାସ କରି ପରିବାର ଚଳାଇ ଆସୁଥିଲେ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଅଞ୍ଚଳବାସୀ ପ୍ରାର୍ଥନା କରିଛନ୍ତି।

# ଦଶହରା ପରେ ଆନ୍ଦୋଳନ ନିଷ୍ପତ୍ତି

**କାଗଜକଳ ଅବସରପ୍ରାପ୍ତ ଶ୍ରମିକଙ୍କ ବୈଠକ**

ଜୟପୁର,୨୬।୯ (ନି.ପ୍ର.)

କାଗଜକଳ ଅବସରପ୍ରାପ୍ତ ଶ୍ରମିକମାନଙ୍କ ଏକ ବୈଠକ ସୋମବାର ଶ୍ରମିକ କର୍ମଚାରୀ ଭବନରେ ଶ୍ରମିକ ନେତା ପ୍ରମୋଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶ୍ରମିକଙ୍କ ଇପିଏଫ, ପେନସନ ଏବଂ ବକେୟା ପ୍ରାପ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା। ଶେଷରେ ଦଶହରା ପରେ ଆନ୍ଦୋଳନ କରାଯିବାକୁ ନିଷ୍ପତ୍ତି ହୋଇଥିଲା।

କାରଖାନା ଚିମିନିରୁ ଧୂଆଁ ବାହାରୁଥିବା ବେଳେ କାଗଜ ଉତ୍ପାଦନ ଠିକ ଭାବରେ ହେଉ ନଥିବାରୁ ବୈଠକରେ ଉଦ୍‌ବେଗ ପ୍ରକାଶ ପାଇଥିଲା। ଗୋଟିଏ କାରଖାନା ନିରନ୍ତର ଚାଲିବା ପାଇଁ ହେଲେ କଞ୍ଚାମାଲ, କୋଇଲା ଓ କେମିକାଲ ଅନ୍ତତଃ ତିନିମାସ ପାଇଁ ଗଚ୍ଛିତ ରହିବା ଆବଶ୍ୟକ। ମାତ୍ର ବର୍ତ୍ତମାନ ତିନି ଦିନ ପାଇଁ ମଧ ଏହା ନାହିଁ। ପ୍ରତ୍ୟହ ଆବଶ୍ୟକ ପରିମାଣର କାଗଜ ଉତ୍ପାଦନ ହେଉନାହିଁ । ଏଥିସହ ଋଣ ଆଣିଥିବା ୧୫୦ କୋଟି ଟଙ୍କା ଉପରେ ପ୍ରତି ମାସରେ ପାଖାପାଖି କୋଟିଏ ଟଙ୍କା କମ୍ପାନୀ ସୁଧ ଗଣୁଛି। ଏପର୍ଯ୍ୟନ୍ତ କାମ କରୁଥିବା ଶ୍ରମିକଙ୍କୁ ପୂରା ଦରମା ମିଳୁନାହିଁ। ସ୍ୱାଭାବିକ ଭାବେ କାଗଜକଳ ନ ଚାଲିଲେ ଏହା ବନ୍ଦ ହେବାନେଇ ଆଶଙ୍କା ପ୍ରକାଶ ପାଉଛି। ନୂଆ କମ୍ପାନୀ କ୍ଷତି ଦର୍ଶାଇ କାଗଜକଳ ବନ୍ଦ କରିବା ପାଇଁ ଅନୁମତି ଲୋଡ଼ିବ। କାରଖାନା ନ ଚାଲିଲେ ଶ୍ରମିକମାନଙ୍କ ବକେୟା ପାଉଣା ମିଳିବା ଅସମ୍ଭବ ହୋଇପଡିବ ବୋଲି ବୈଠକରେ ମତ ପ୍ରକାଶ ପାଇଥିଲା। ଅନ୍ୟପକ୍ଷରେ ଏନେଇ କର୍ମଚାରୀମାନେ ପୂର୍ବତନ ମନ୍ତ୍ରୀ ରବି ନାରାୟଣ ନନ୍ଦଙ୍କୁ ଭେଟି ଏ ଦିଗରେ ରାଜ୍ୟ ସରକାର ହସ୍ତକ୍ଷେପ କରିବା ଲାଗି କିଛି ପଦକ୍ଷେପ ନେବାକୁ ଅନୁରୋଧ କରିଥିଲେ। ନନ୍ଦ କହିଛନ୍ତି ଦଶହରା ପର୍ଯ୍ୟନ୍ତ କମ୍ପାନୀକୁ ସମୟ ଦେଇ ତା'ପରେ ଆନ୍ଦୋଳନ କାର୍ଯ୍ୟକ୍ରମ ହାତକୁ ନିଆଯିବ। କାରଖାନା ବନ୍ଦ ନ କରି ଶ୍ରମିକଙ୍କ ସମସ୍ୟା ସମାଧାନ ପର୍ଯ୍ୟନ୍ତ ଶୃଙ୍ଖଳିତ ଭାବେ ନିରନ୍ତର ଆନ୍ଦୋଳନ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି। ବୈଠକରେ ପ୍ରଭାକର ପ୍ରହରାଜ, ପି. ପ୍ରଭାକର, ନାରାୟଣ ଦାଶ, ସରୋଜ ପଣ୍ଡା, ପ୍ରକାଶ ଚୌଧୁରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

### କୋଟପାଡରେ ମିଳିତ ଅଭିଯୋଗ ଶୁଣାଣି



କୋଟପାଡ଼,୨୬।୯ (ଡି.ଏନ. ଏ.)– କୋରାପୁଟ ଜିଲା କୋଟପାଡ଼ ବ୍ଲକ କାର୍ଯ୍ୟାଳୟ ପରିସର ସଭା ଗୃହରେ ସୋମବାର ଜିଲାପାଳଙ୍କ ମିଳିତ ଅଭିଯୋଗ ଶୁଣାଣି ହେଇଥିଲା। ଏଥିରେ ଏଡିଏମ ରାମେଶ୍ୱର ପ୍ରଧାନ, ଏସପି ବରୁଣ ଗୁଣ୍ଟୁପାଲି, ଉପଜିଲାପାଳ ବେଦବର ପ୍ରଧାନ, ଏସଡିପିଓ ମଧୁସିକ୍ତା ମିଶ୍ର ଯୋଗଦେଇ ଗ୍ରାମାଞ୍ଚଳ ଲୋକ ମାନଙ୍କର ବିଭିନ୍ନ ଅଭିଯୋଗ ଗ୍ରହଣ କରି ଶୁଣାଣି କରିଥିଲେ। ଶୁଣାଣି ପାଇଁ ୩୬ଟି ଅଭିଯୋଗ ପଞ୍ଜୀକୃତ ହେଇଥିବା ବେଳେ ଏଥିରୁ ୧୯ଟି ବ୍ୟକ୍ତିଗତ ରହିଥିଲା। ଜମିଜମା ବିବାଦ ନେଇ ଅଧିକାଂଶ ଅଭିଯୋଗ ରହିଥିଲା କୋଟପାଡ଼ ଅଞ୍ଚଳରେ ବୁଲା ଗୋରୁଙ୍କ ଯୋଗୁ ରାସ୍ତାରେ ଯାତାୟାତରେ ଟ୍ରାଫିକ ସମସ୍ୟା ଲାଗି ରହୁଥିବାରୁ ଏନେଇ ଏସପିଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା।

# ପିଡିଏସ୍ ମାଣ୍ଡିଆରେ ଚାକୁଣ୍ଡା ମଞ୍ଜି, ବାଲି ମିଶିଥିବା ଅଭିଯୋଗ

ଚନ୍ଦାହାଣ୍ଡି, ୨୬।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକରେ ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ମାଣ୍ଡିଆରେ ଚାକୁଣ୍ଡା ମଞ୍ଜି, ବାଲି ଗୋଡ଼ି ମିଶିବା ସହ କେତେକ ବସ୍ତାରେ ମାଣ୍ଡିଆ ସମ୍ପୂର୍ଣ୍ଣଭାବେ କଳା ପଡ଼ିଯାଇ ଖାଇବାଯୋଗ୍ୟ ନ ଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ହିତାଧିକାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଯିବା ସହ ଯୋଗାଣ ବିଭାଗ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରାଯାଇଛି।

ସୂଚନାନୁଯାୟୀ, ଚନ୍ଦାହାଣ୍ଡି ବ୍ଲକ ଫଟକୀ ଓ ଅନକାବେଡା ପଞ୍ଚାୟତରେ ଖାଦ୍ୟ ସୁରକ୍ଷା ବିଭାଗ ଦ୍ୱାରା ହିତାଧିକାରୀଙ୍କୁ ମୁଣ୍ଡ ପିଛା ଚାଉଳ ୫ କେଜି ଓ ୨ କେଜି ମାଣ୍ଡିଆ ଦିଆଯାଉଛି। ଏଥିପାଇଁ ପଞ୍ଚାୟତକୁ ୧୯୯ ବ୍ୟାଗ୍ ମାଣ୍ଡିଆ ଆସିଥିଲା। ଗୋଟିଏ ବ୍ୟାଗ୍ ମାଣ୍ଡିଆରେ ଚାକୁଣ୍ଡା ମଞ୍ଜି ଏବଂ ଅନ୍ୟ ଜିନିଷ ମିଶିଥିବା ଅଭିଯୋଗ କରି ହିତାଧିକାରୀ ପଞ୍ଚାୟତ ଆଗରେ ହୋହାଲ୍ଲା କରିଥିଲେ। ସରପଞ୍ଚ ମଞ୍ଜୁନାଥ ମାଝି ସେମାନଙ୍କୁ ବୁଝାଶୁଝା କରିବା ସହ ଯୋଗାଣ ନିରୀକ୍ଷକ ଦେବେନ୍ଦ୍ର ସେଠିଆଙ୍କୁ ଘଟଣା ସମ୍ପର୍କରେ ଅବଗତ କରିଥିଲେ। ମାଣ୍ଡିଆ ହିତାଧିକାରୀଙ୍କୁ ନ ଦେବାକୁ ଯୋଗାଣ ନିରୀକ୍ଷକ କହିଥିବା ସରପଞ୍ଚ ମାଝି ପ୍ରକାଶ କରିଛନ୍ତି। ସେହିପରି ଅନକାବେଡ଼ା ପଞ୍ଚାୟତରେ ହିତାଧିକାରୀମାନଙ୍କୁ ଦିଆଯିବା ପାଇଁ ଆସିଥିବା ୧୯୦ ବ୍ୟାଗ୍ ମାଣ୍ଡିଆ ମଧ୍ୟରୁ ୩ଟି ବ୍ୟାଗ୍‌ରେ ମାଣ୍ଡିଆରେ ବାଲି, ଗୋଡ଼ି, କୁଟା ମିଶିଥିବା ଅଭିଯୋଗ ହୋଇଛି। ଉଭୟ ଘଟଣାର ତଦନ୍ତ କରି ପଦକ୍ଷେପ ନେବାକୁ ବିଭିନ୍ନ ମହଲରେ ଦାବି ହୋଇଛି। ଯୋଗାଣ ବିଭାଗକୁ ମାଣ୍ଡିଆ ଯୋଗାଉଥିବା ନବରଙ୍ଗପୁର ଟିଡିସିର ବିଏମ୍‌ଓ ପ୍ରକାଶ କୁମାର ଦାସଙ୍କୁ ପଚାରିବାରୁ ସେ ଘଟଣାକୁ ସ୍ୱୀକାର କରିଛନ୍ତି। ଆର୍‌ଏମ୍‌ସି ଯେଉଁମାନର ମାଣ୍ଡିଆ ଯୋଗାଉଛି ଆମେ ତାହା ଯୋଗାଣ ବିଭାଗକୁ ଦେଉଛୁ ବୋଲି ସେ ସଫେଇ ଦେଇଛନ୍ତି।

# ପ୍ରତିମୂର୍ତ୍ତି ବଦଳିବା ନେଇ ବିଧାୟକଙ୍କ ପ୍ରତିଶ୍ରୁତି

**ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତିକୁ ନେଇ ବିବାଦ ପ୍ରସଙ୍ଗ**

ଜୟପୁର,୨୬।୯ (ନି.ପ୍ର.)

ବିକ୍ରମଦେବ ମହାବିଦ୍ୟାଳୟ ସମ୍ମୁଖରେ ସ୍ଥାପନ କରାଯାଇଥିବା ପ୍ରତିମୂର୍ତ୍ତି ବଦଳାଯିବ ବୋଲି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କହିଛନ୍ତି। ଗତ ୧୭ ତାରିଖରେ ସ୍ଥାପନ ହୋଇଥିବା ପ୍ରତିମୂର୍ତ୍ତି ଏହା ବିକ୍ରମଦେବ ବର୍ମାଙ୍କ ନୁହେଁ ବୋଲି ବିଭିନ୍ନ ସଙ୍ଗଠନ କର୍ମକର୍ତ୍ତା ଓ ବୁଦ୍ଧିଜୀବୀମାନେ ଉଦ୍‌ବେଗ ପ୍ରକାଶ କରି ପ୍ରତିବାଦ କରିଥିଲେ। ଏହାକୁ ଦୃଷ୍ଟିରେ ରଖି ବିଧାୟକ ବାହିନୀପତି ସୋମବାର ପ୍ରତମୂର୍ତ୍ତି ବଦଳାଯିବ ଏବଂ ବିକ୍ରମ ଦେବ ବର୍ମାଙ୍କ ବଡ଼ ପ୍ରତିମୂର୍ତ୍ତି ସ୍ଥାପନ କରାଯିବ ବୋଲି ପ୍ରକାଶ କରିଛନ୍ତି। ବର୍ତ୍ତମାନ ସ୍ଥାପିତ ହୋଇଥିବା ପ୍ରତିମୂର୍ତ୍ତିକୁ କଲେଜ ପକ୍ଷରୁ ଘୋଡାଇ ରଖାଯାଇଥିବା ଜଣାପଡିଛି ।



କଲେଜ ପକ୍ଷରୁ ଘୋଡାଇ ରଖାଯାଇଥିବା ବିକ୍ରମଦେବ ବର୍ମାଙ୍କ ପ୍ରତିମୂର୍ତ୍ତି।

# ବିପଦସଙ୍କୁଳ ଚବେରି ନଦୀ ପୋଲ, ଭୁଶୁଡ଼ିବା ଆଶଙ୍କା

ଦଶମନ୍ତପୁର, ୨୬।୯(ଡି.ଏନ୍.ଏ.)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଏ.ମାଲକାନଗିରି ପଞ୍ଚାୟତ ସଦର ମହକୁମାରୁ ମାତ୍ର ଅଧ କିମି ଦୂରରେ ଥିବା ଚବେରି ନଦୀ ପୋଲ ଏବେ ବିପଦସଙ୍କୁଳ ଅବସ୍ଥାରେ। କେତେବେଳେ ଯେ ପୋଲଟି ଭୁଶୁଡ଼ି ପଡ଼ିବ ତାହା କହିବା ମୁସ୍କିଲ। ଏବେ ପୋଲକୁ ନେଇ ଅଞ୍ଚଳବାସୀ ଚିନ୍ତାରେ। ସେମାନେ ଏହାର ମରାମତି ଦାବି କରିଛନ୍ତି।

କିଛିଦିନ ତଳେ କୋରାପୁଟ–ରାୟଗଡ଼ାକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥର ବଙ୍ଗଳାଗୁଡ଼ା ଗାଁ ନିକଟସ୍ଥ ପୋଲ ଭୁଶୁଡ଼ି ଯିବାରୁ ସେହି ରାସ୍ତାରେ ଯାନବାହନ ଚଳାଚଳ ଠପ୍ ହୋଇଯାଇଛି। ବର୍ତ୍ତମାନ ପୋଡ଼ାଗଡ଼ ଛକରୁ ବାଇପାସ୍ ରାସ୍ତା ଗାଦିଆଗୁଡ଼ା, ଆଡ଼ମୁଣ୍ଡା, ଏ. ମାଲକାନଗିରି ପଞ୍ଚାୟତ ଅତିକ୍ରମ କରି ପୁଣି ମୁଖ୍ୟ ରାସ୍ତା ବାଗ୍ରା ଛକ ଦେଇ କୋରାପୁଟ ସହରକୁ ଯିବାକୁ ପଡୁଛି। ଏହି ରାସ୍ତା ଦେଇ ପ୍ରତିଦିନ ଶହଶହ ସଂଖ୍ୟାରେ ଭାରିଯାନ ଯାତାୟାତ କରୁଛି। ଫଳରେ ଏହି ଚବେରି ନଦୀରେ ନିର୍ମାଣ ହୋଇଥିବା ସ୍ଥାୟୀ ପୋଲର ଦୁଇ ପାର୍ଶ୍ୱ ଦୁର୍ବଳ ହୋଇ ଏବେ ତଳକୁ ଦବିଦବି ଯାଉଛି। କେତେବେଳେ ବଙ୍ଗଳାଗୁଡା ପୋଲ ଭଳି ଏହା ଭୁଶୁଡି ପଡ଼ିବ ବୋଲି ଲୋକେ ଆଶଙ୍କା କରୁଛନ୍ତି। ଏହା ଦଶମନ୍ତପୁର ଓ ଲକ୍ଷ୍ମୀପୁର ବ୍ଲକବାସୀଙ୍କ ଏକମାତ୍ର ଭରସାଯୋଗ୍ୟ ରାସ୍ତା। ଯଦି ଏହି ପୋଲ ଭୁଶୁଡ଼ି ଯିବ ଏହି ଦୁଇ ବ୍ଲକକୁ ଯୋଗାଯୋଗ ବିଚ୍ଛିନ୍ନ ହୋଇଯିବ। ଫଳରେ ଶିକ୍ଷା ସ୍ୱାସ୍ଥ୍ୟ କ୍ଷେତ୍ରରେ ବ୍ୟାପକ ବାଧା ଦେଖାଯିବ। ତେବେ ତୁରନ୍ତ ଜିଲା ପ୍ରଶାସନ ଏହି ରାସ୍ତାର ଦୁଇ ପାର୍ଶ୍ୱରେ ସୁରକ୍ଷା ସିମେଣ୍ଟ କଂକ୍ରିଟ୍ କାନ୍ଥ ନିର୍ମାଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।



ବିପଦସଙ୍କୁଳ ପୋଲ।

# ପ୍ରତାପସାଗରରେ ହେଲା ମାଁଙ୍କ ଖଣ୍ଡାସ୍ନାନ

ନବରଙ୍ଗପୁର, ୨୬।୯(ବି.ପ୍ର.)

ନବରଙ୍ଗପୁର ଜିଲାର ଅଧିଷ୍ଠାତ୍ରୀ ଦେବୀ ମାଁ ଭଣ୍ଡାରଘରଣୀଙ୍କ ଶାରଦୀୟ ଦଶହରାର ନବରାତ୍ରି ପୂଜାନୀତି ସୋମବାରରୁ ଆରମ୍ଭ ହୋଇଛି। ଆଶ୍ୱିନ ଶୁକ୍ଳ ପ୍ରତିପଦାରୁ ଆରମ୍ଭ ହୋଇ ନବମୀ ପର୍ଯ୍ୟନ୍ତ ଚାଲିବ ମାଁଙ୍କ ନବରାତ୍ରି ପୂଜା। ଦଶମୀ ଦିନ ମାଁଙ୍କ ନବରାତ୍ରି ପୂଜାର ପୂର୍ଣ୍ଣାହୁତି ହୋଇଥାଏ। ଦଶମୀ ଅର୍ଥାତ୍ ଦଶହରା ଦିନ ଜିଲାରୁ କୋଣ ଅନୁକୋଣରୁ ଆସିଥିବା ସମସ୍ତ ଲାଠିକୁ ଏକ ପଟୁଆରରେ ବାହାରି ଦଶହରାଭଟ୍ଟାରେ ପହଞ୍ଚିବା ପରେ ଲାଖବିନ୍ଧା ନୀତି ଅନୁଷ୍ଠିତ ହୋଇଥାଏ। ଲାଖବିନ୍ଧା ନୀତିକାନ୍ତି ସରିବା ପରେ ଆସିଥିବା ସମସ୍ତ ଲାଠି ନିଜ ନିଜ ଗ୍ରାମକୁ ଚାଲିଯାଇଥାନ୍ତି।

ପ୍ରଥମ ଦିନରେ ଅର୍ଥାତ୍ ସୋମବାର ସକାଳ ୧୧ଟାରେ ମାଁଙ୍କ ପାଟଖଣ୍ଡା ଭଣ୍ଡାରଘରଣୀ ମନ୍ଦିରରୁ ବାଜା, ମହୁରୀ ବାଣ ଫୁଟାଇ ଏକ ବିରାଟ ଆଖଡ଼ାରେ ବାହାରି ନିକଟସ୍ଥ ପ୍ରତାପସାଗରକୁ ଯାଇଥିଲେ। ସେଠାରେ ପହଞ୍ଚିବା ପରେ ମାଁଙ୍କ ଖଣ୍ଡା ସ୍ନାନ ଓ ସମସ୍ତ ପୂଜାର୍ଚ୍ଚନା ସରିବା ପରେ ପୁଣି ଉକ୍ତ ପଟୁଆରରେ ମନ୍ଦିର ପହଞ୍ଚିବା ପରେ ଆରମ୍ଭ ହୋଇଥିଲା ନବରାତ୍ରିର ନୀତିକାନ୍ତି। ନବରଙ୍ଗପୁର ଜିଲା ରାଜପୁରୋହିତ ନରସିଂହନାଥ ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ଚାଲୁଥିବା ମାଁଙ୍କ ଏହି ପୂଜାନୀତିରେ ମୋଟ ୧୪ ଜଣ ବରୁଣିଆ ନିୟୋଜିତ ହୋଇଛନ୍ତି। ମାଁଙ୍କ ଏହି ନବରାତ୍ରି ନୀତିକାନ୍ତିରେ ଚଣ୍ଡୀ ପାଠକ ସୁଧାକର ପାଢ଼ୀଙ୍କ ସମେତ ବାବୁଲା ତ୍ରିପାଠୀ , ମନ୍ଦିର ପୂଜକ ବାଞ୍ଛା ରଥ, ରାଜୀବ ପୂଜାରୀ , ପ୍ରସନ୍ନ ରଥ, ରାମ ରଥ, ବିଧୁଶେଖର ତ୍ରିପାଠୀ, ଦେବେନ୍ଦ୍ର ମିଶ୍ର, ପ୍ରୋମିଶ ତ୍ରିପାଠୀ, ତିରୁ ମିଶ୍ର ପ୍ରମୁଖ ବରୁଣିଆ ପୂଜାନୀତିରେ ନିୟୋଜିତ ରହିଥିବାବେଳେ ମନ୍ଦିର କମିଟିର ଖାଡେଶ୍ୱର ଖଡାଙ୍ଗା, ଚୁଲୁ ଷଡ଼ଙ୍ଗୀ, ପରେଶ ମିଶ୍ର, ତାପଶ ତ୍ରିପାଠୀ, ଟି.ଶ୍ରୀପତି, ଅମିତାଭ ତ୍ରିପାଠୀ, ଗୌରୀ ଶଙ୍କର ପଟ୍ଟନାୟକ, ଅମୂଲ୍ୟ ପାତ୍ର, ନିଶାନ୍ତ ସାମନ୍ତରାୟ, ବରୁ ପାତ୍ର, ଦିଲ୍ଲୁ ପଣ୍ଡା, ଆର୍. ପୁରୁଷୋତ୍ତମ ରାଓ, ନୁନୁ ଦାଶ , ବାଲାଜୀ ବେହେରା, ଲୁନା ପୂଜାରୀଙ୍କ ସମେତ ମନ୍ଦିର କମିଟିର ବହୁ କର୍ମକର୍ତ୍ତା ଓ ସଦସ୍ୟ ଉପସ୍ଥିତ ଥିଲେ।

**ମାଁ ଭଣ୍ଡାରଘରଣୀଙ୍କ ପୀଠରେ ନବରାତ୍ର ପୂଜା ଆରମ୍ଭ**



ମା'ଙ୍କ ଖଣ୍ଡାକୁ ପ୍ରତାପ ସାଗରକୁ ନିଆଯାଉଛି।



ମା'ଙ୍କ ଖଣ୍ଡା ଯିବା ବେଳେ ବାହାରିଥିବା ପଟୁଆର।

